ଧରିତ୍ରୀ ୧୬-୧୦-୬୬

# କେତେ ଅଜଣା

—ମନୋଜ ଦାସ

ପ୍ରସଙ୍ଗକ୍ରମେ, ଅନ୍ତର୍ବୋଧ (Intution) ର କେତେକ ଦୃଷ୍ଟାନ୍ତର ଉଲ୍ଲେଖ ପୂର୍ବରୁ କରିଛି । ଭବିତବ୍ୟ ସମ୍ପର୍କରେ ମନୁଷ୍ୟ ଭିତରେ ଥରେ ଥରେ ଆକସ୍ମିକ ଭାବରେ ଏକ ପ୍ରକାର ଦୃଷ୍ଟିଶକ୍ତି ଖୋଲିଯାଏ, କିଛିଦିନ ପରେ ଯାହା ଘଟିବ, ଅବିକଳ ଭାବରେ ସେ ତାହାର ଚିତ୍ର ଦେଖେ । ଏଠାରେ ଯୋଗୀ, ଋଷି, ଭବିଷ୍ୟଦର୍ଶୀ ବା ଜ୍ୟୋତିର୍ବିଦଙ୍କ କଥା ପଡ଼ୁନାହିଁ । ଅତି ସାଧାରଣ ବ୍ୟକ୍ତି କ୍ଷେତ୍ରରେ ଏଭଳି ଘଟିବାଟା ହିଁ ବିସ୍ମୟ ! ଅଜ ଏସବୁ ବ୍ୟାପାର Theosophy ଅଥବା Parapsychology ବିଷୟ ଯେଉଁ ଚର୍ଚ୍ଚା କରୁଥିବା ଲୋକଙ୍କ ଭିତରେ ସୀମିତ । କିନ୍ତୁ ଦିନେ ହୁଏତ ଏହା ବିଜ୍ଞାନର କ୍ରମବର୍ଦ୍ଧିଷ୍ଣୁ ପରିସର ଭିତରକୁ ଆସିବ । ସାମ୍ପ୍ରତିକ ବିଜ୍ଞାନର ଅଭିମୁଖ୍ୟ ସମ୍ପର୍କରେ ମନୀଷୀ ନଳିନୀକାନ୍ତ ଗୁପ୍ତ ତାଙ୍କର Malady of the century ଗ୍ରନ୍ଥରେ ଲେଖିଛନ୍ତି “ଅଜର ଆକର୍ଷଣ ଯୌକ୍ତିକତା ଦିଗକୁ ନୁହେଁ, ବରଂ ଅଯୌକ୍ତିକ ଦିଗକୁ । ରକ୍ଷଣଶୀଳ ବିଜ୍ଞାନ ଆଜି କ୍ରମେ ଅଧିକରୁ ଅଧିକ ପରିମାଣରେ ପ୍ରକୃତି ନିହିତ—ଏପରିକି ସ୍ଥୂଳ ପ୍ରକୃତି ନିହିତ ଅଲୌକିକ ପ୍ରକ୍ରିୟା ସମୂହକୁ ସ୍ୱୀକୃତ ଦେଉଛି । ଯୁକ୍ତିବୋଧ ଅପେକ୍ଷା ଅନ୍ତର୍ବୋଧ (intution) ଓ ପ୍ରାଣବୋଧ (instinct) କ୍ରମେ ଜ୍ଞାନ ତଥା କାର୍ଯ୍ୟର ମହତ୍ତର ମାଧ୍ୟମରୂପେ ଗୃହୀତ ହେଉଛନ୍ତି ।”

ଯିଏ ପ୍ରକୃତରେ ଉଦାର ବୈଜ୍ଞାନିକ ଦୃଷ୍ଟିର ଅଧିକାରୀ ସେ କୌଣସି ସ୍ଥୂଳ ଯୌକ୍ତିକତା ଅଥବା ପରୀକ୍ଷା ନିରୀକ୍ଷାର ଦୁହାଇ ଦେଇ କୌଣସି ଏକ ବିସ୍ମୟକର ଅଭିଜ୍ଞତାର ସତ୍ୟତାକୁ ବାତିଲ କରି ଦେଇପାରେନାହିଁ । ବିଜ୍ଞାନର ପ୍ରଥମ ଧର୍ମ ହେଉଛି ନବତର ସତ୍ୟ ପ୍ରତି ନିଜକୁ ଉନ୍ମୁକ୍ତ ରଖିବା । ବିନା ଅବଲମ୍ବନରେ କୌଣସି ସ୍ଥୂଳ ପଦାର୍ଥ ଶୂନ୍ୟରେ ଝୁଲି ରହିପାରେନା; ଏହା ଏକ ବୈଜ୍ଞାନିକ ସତ୍ୟ । କିନ୍ତୁ ସେହି ସତ୍ୟକୁ ରକ୍ଷଣଶୀଳ ଭାବରେ ପ୍ରୟୋଗ କରି ଜଣେ ଯଦି ସିଦ୍ଧାନ୍ତ କରେ ଯେ ପୃଥିବୀ ମହାଶୂନ୍ୟରେ ଝୁଲନ୍ତ ଅବସ୍ଥାରେ ଥାଇ ନ ପାରେ, ସେ ସିଦ୍ଧାନ୍ତ ହେବ ଅବୈଜ୍ଞାନିକ । ମହାଶୂନ୍ୟରେ ଯେଉଁ ଶକ୍ତି ବଳରେ ପୃଥିବୀ ଝୁଲନ୍ତ ହୋଇରହିଛି, ତାହା ଏକ ସ୍ୱୟଂସିଦ୍ଧ ସତ୍ୟ । ବିଜ୍ଞାନ ସେ ଶକ୍ତିକୁ ଆବିଷ୍କାର କରିଛି ମାତ୍ର—ତା'କୁ ତିଆରି କରିନାହିଁ । ଉପରୋକ୍ତ ମନୀଷୀ ଶ୍ରୀଯୁକ୍ତ ଗୁପ୍ତ ତାଙ୍କର ଅନ୍ୟ ଏକ ଗ୍ରନ୍ଥ 'The Approach to Mysticism'ରେ ଏକ ଚମତ୍କାର ଉଦାହରଣ ଦେଇଛନ୍ତି “କୌଣସି ଜଣେ ବୈଜ୍ଞାନିକ···ବିଜୟୋଲ୍ଲାସରେ ପ୍ରେତର ଅସ୍ତିତ୍ୱ ସମ୍ପର୍କରେ (ପ୍ରେତର ଅସ୍ତିତ୍ୱକୁ ଅସ୍ୱୀକାର କରିବା ନିମନ୍ତେ) କହିଥିଲେ, “ବଡ଼ ଉଲ୍ଲେଖଯୋଗ୍ୟ କଥା ଯେ ପ୍ରେତାତ୍ମା କେବଳ ବନ୍ଦ ଘରେ, ଅର୍ଦ୍ଧ ଅନ୍ଧକାରରେ ସ୍ୱପ୍ନାବିଷ୍ଟ ବ୍ୟକ୍ତିମାନଙ୍କ ଆଗରେ (ପ୍ରେତଚକ୍ରରେ) ଉପସ୍ଥିତ ହୁଏ; ଖୋଲା ପବନରେ ଦିବାଲୋକରେ, ଜାଗ୍ରତ ଓ ବିଚକ୍ଷଣ ଲୋକଙ୍କ ଆଗକୁ ସେ କେବେ ଆସେ ନାହିଁ ।” ତାହାହିଁ ଯଦି ହୁଏ, ତେବେ ଏଥିରୁ ପ୍ରମାଣିତ ହେଲା କଣ ? ଏକମାତ୍ର ନିଶୀଥ କାଳରେହିଁ ନକ୍ଷତ୍ରମାନେ ଦୃଶ୍ୟମାନ ହୁଅନ୍ତି—ଦିନରେ ନୁହେଁ କିନ୍ତୁ ଏହାଦ୍ୱାରା ଏକଥା ପ୍ରମାଣିତ ହେଉନାହିଁ ଯେ, ନକ୍ଷତ୍ର ସମୂହର ଅସ୍ତିତ୍ୱ ମିଥ୍ୟା ।”

ବିଭିନ୍ନ ଅଭିଜ୍ଞତା ଓ ବିଭିନ୍ନ ପ୍ରାକୃତିକ ଅନୁଷ୍ଠାନର ପଶ୍ଚାତରେ ରହିଥିବା ସ୍ୱୟଂସିଦ୍ଧ ଶକ୍ତି ଓ ନିୟମର ଆବିଷ୍କାର ବିଜ୍ଞାନର ଧର୍ମ । ଯେତିକି ଆବିଷ୍କାର ହୋଇ ସାରିଛି, ତାକୁହିଁ ଭିତ୍ତି କରି ତାହାର ମାପ କାଠିରେ ସବୁ କିଛିକୁ ବିଚାର କରିବାର ପ୍ରୟାସ ବିଜ୍ଞାନର ସ୍ୱଧର୍ମ-ବିରୋଧୀ ବ୍ୟାପାର । ପ୍ରଗତିର ବୃହତ୍ତମ ଶତ୍ରୁ ମନୁଷ୍ୟର ରକ୍ଷଣଶୀଳତା । ନୂତନ ସତ୍ୟ ପ୍ରତି ସେ ଯେ କେବଳ ବିମୁଖ ରହେ ତାହା ନୁହେଁ, ନିଜର ସୀମିତ ଅଭିଜ୍ଞତାର ଯୁକ୍ତିରେ ସେ ନୂତନକୁ ସର୍ବଦା ବ୍ୟାଖ୍ୟା କରିବାକୁ ମଧ୍ୟ ଚେଷ୍ଟା କରେ—ସୁପ୍ରାଚୀନ ଗ୍ରୀକ୍ ସାହିତ୍ୟର ସେହି ହାଦାତିକ ଅତିଥି ସେବକ ପ୍ରୋକ୍ରାଷ୍ଟିସ ଭଳି । ପରମ ଦୟାଳୁ ପ୍ରୋକ୍ରାଷ୍ଟିସର ଗୃହରେ ଅତିଥି ପହଞ୍ଚିଲେ ସେ ତା'ର ଅନେକ ଆପ୍ୟାୟନ କରି ତାକୁ ଘରେ ଗୋଟିଏ ଦୁଗ୍ଧଫେନନିଭ ଶଯ୍ୟାରେ ନିଦ୍ରା ଯିବାକୁ ଅନୁରୋଧ କରୁଥିଲା । ଅତିଥି ଶୋଇବା ପରେ ଶ୍ରୀ ଓ ଶ୍ରୀମତୀ ପ୍ରୋକ୍ରାଷ୍ଟିସ ଶଯ୍ୟାର ଉଭୟ ପ୍ରାନ୍ତରେ

## “ବେଡ୍ ଅଫ୍ ପ୍ରୋକ୍ରାଷ୍ଟିସ୍”

ଦଣ୍ଡାୟମାନ ହୋଇ ଦେଖୁଥିଲେ—ଅତିଥିଟି ଶଯ୍ୟା ତୁଳନାରେ ଖର୍ବ ନା ଦୀର୍ଘ । ଯଦି ଅତିଥିଟି ଖର୍ବ ମନେ ହେଉଥିଲେ, ତେବେ ସାରା ଶଯ୍ୟାଟି ସେ ଉପଭୋଗ କରିପାରୁ ନାହାନ୍ତି ବୋଲି ଶ୍ରୀ ଓ ଶ୍ରୀମତୀ ପ୍ରୋକ୍ରାଷ୍ଟିସ ଅତିଥିଙ୍କର ଗୋଡ଼ ଓ ମୁଣ୍ଡ ଧରି ରବର ସଦୃଶ ଟାଣି ତାଙ୍କୁ ଶଯ୍ୟାସହ ଖାପ ଖୁଆଇବାକୁ ଚେଷ୍ଟା କରୁଥିଲେ । ଯଦି ଶଯ୍ୟା ତୁଳନାରେ ଅତିଥି ଥିଲେ ଦୀର୍ଘ ତନୁ, ତେବେ ଅତିଥିଙ୍କ ମୁଣ୍ଡ ପଟୁ କାଟିକୁଟି ଦେଇ ଖାପଖୁଆଇ ଦେଉଥିଲେ । ମୋଟ ଉପରେ ଖର୍ବ ହୁଅନ୍ତୁ ବା ଦୀର୍ଘ ହୁଅନ୍ତୁ, ଖର୍ବତ୍ୱ ଓ ଦୀର୍ଘତ୍ୱ ସମେତ ସମୁଦାୟ ଅତିଥିଙ୍କର ସମାପ୍ତି ଘଟୁଥିଲା ।

ଆଜିର ପୃଥିବୀରେ ଅଜସ୍ର ପ୍ରୋକ୍ରାଷ୍ଟିସ ବିଦ୍ୟମାନ । ଆଜିର ରାଜନୀତିବିଦ, ସମାଜତାତ୍ତ୍ୱିକ, ଦାର୍ଶନିକମାନଙ୍କ ମଧ୍ୟରୁ ଅଧିକାଂଶ ଚେଷ୍ଟା

[ ୪ର୍ଥପୃଷ୍ଠା ଦେଖନ୍ତୁ ] PTO

ଆମର ଅଧିକାଂଶ ଯୋଜନାର ଉଦ୍ଦେଶ୍ୟ ମହତ୍, ଅଥଚ କାର୍ଯ୍ୟତଃ ପରିଣାମ ଆଶାଜନକ ହୋଇ ପାରୁନାହିଁ । ନିକଟରେ ମହାରାଷ୍ଟ୍ର ସରକାର ବମ୍ବେ ଉପକଣ୍ଠବର୍ତ୍ତୀ ଏକ ୬୦୦ ଏକର ପରିମିତ ଅଞ୍ଚଳରେ ଯେଉଁ ନୂତନ ଚଳଚ୍ଚିତ୍ର ନଗରୀ ନିର୍ମାଣର ଯୋଜନା ପ୍ରକାଶ କରିଛନ୍ତି, ତାର ମଧ୍ୟ ଏହି ରକମ ଦୁର୍ଦ୍ଦଶା ଦେଖାଦେଲଣି । ସରକାରଙ୍କ ଆହ୍ୱାନକ୍ରମେ ଚଳଚ୍ଚିତ୍ର ଶିଳ୍ପର ବିଭିନ୍ନ ଉଦ୍ୟୋକ୍ତାଗଣ ଯେତେବେଳେ ଏ ନେଇ



ବିବାହ ବେଦି ପାଇଁ